## ସାପ କାମୁଡ଼ାରେ ଜଣେ ମୃତ

ପାତ୍ରପୁର(ଉମା ଚରଣ ନେପାକ)-: ପାତ୍ରପୁର ତହସିଲ ସୁନାଖଳା ଗ୍ରାମର ଜଣେ ବୃଦ୍ଧଙ୍କ ମଙ୍ଗଳବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ଦଣ୍ଡାସି କବିଚନ୍ଦ୍ର(୬୫)। ସୋମବାର ରାତିରେ ସେ ଘରେ ଶୋଇଥିବା ସମୟରେ ସାପ କାମୁଡ଼ିବାରୁ ପ୍ରଥମେ ଚିକିଟି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ସତ୍କାର କରାଯାଇଛି ।



# ସମସ୍ୟା ଘେରରେ ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଇନଚାର୍ଜ, ଡାକ୍ତର, ନର୍ସ ଅଭାବ

ଛତ୍ରପୁର,୪।୭(ସନ୍ତୋଷ ପାଢୀ)

ଛତ୍ରପୁର ବ୍ଲକ ଅଧୀନ ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ଦିନ ଧରି ସମସ୍ୟା ଘେରରେ ଚାଲିଛି । ଡାକ୍ତରଙ୍କ ଠାରୁ ଆରମ୍ଭ କରି ଷ୍ଟାଫ ନର୍ସ ଓ ବିଭିନ୍ନ ବିଭାଗର ବହୁ ଷ୍ଟାଫ ପଦବୀ ଖାଲିପଡିଛି। ଏଠାରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର କାମଚଳାରେ ଚାଲିଛି। ଏଥିସହ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି, ଆଲୋକ, ଡ୍ରେନ ସମସ୍ୟା ମଧ୍ୟ ଜଟିଳ ରହିଛି। ବର୍ଷାଦିନେ ଜଳ ନିଷ୍କାସିତ ହୋଇ ନ ପାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଜଳମଗ୍ନ ରହୁଥିବା ଦେଖିବାକୁ ମିଳୁଛି। ଜିଲା ସଦର ମହକୁମା ହେଡକ୍ୱାର୍ଟର ଛତ୍ରପୁର ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏପରି ସମସ୍ୟା ନେଇ ରୋଗୀ ସେବା ବ୍ୟାହତ ହେବାରେ ଲାଗିଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ରୋଗୀ କଲ୍ୟାଣ ସମିତି ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ବୈଠକରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଡାକ୍ତର ଓ



ବିଧାୟକ ଓ ଅନ୍ୟମାନେ ।

ଷ୍ଟାଫ ସମସ୍ୟା ନେଇ ସେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ବୈଠକ ଆଲୋଚନାରୁ ଜଣାପଡିଛି ଯେ, ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଖାଲି ପଡିଛି । ଏଣୁ ଏଠାରେ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଭାରପ୍ରାପ୍ତ ଇନଚାର୍ଜ ରହିଛନ୍ତି। ସେ ପ୍ରଶାସନିକ କାର୍ଯ୍ୟ ଦାୟିତ୍ୱରେ ଥିବାରୁ ସ୍ୱାସ୍ଥ୍ୟ ସେବା କରିପାରୁନାହାନ୍ତି। ଆହୁରି ଜଣାଯାଇଛି ଯେ ଏଠାରେ ଜଣେ ରେଗୁଲାର ଡାକ୍ତର ରହିଥିବା ବେଳେ ଆଉ ଜଣେ ଆୟୁଷ ଡାକ୍ତର ଅଛନ୍ତି। ଜଣେ ଡାକ୍ତର ଡେପୁଟେଶନରେ ରୋଗୀ ସେବା କରୁଛନ୍ତି। ଏଥିସହ ମାତ୍ର ୨ଜଣ ନର୍ସ ଅଛନ୍ତି। ଏଥିଲାଗି ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଲିଭେରିରେ ଅସୁବିଧା ହେଉଛି। ଉକ୍ତ ମେଡିକାଲରେ ଜେନରେଟର ମଧ୍ୟ ନାହିଁ। ଏଣୁ ରୋଗୀ କଲ୍ୟାଣ ସମିତି ତରଫରୁ ଏହା କିଣିବାକୁ ଆଲୋଚନା ହୋଇଛି । ଷ୍ଟାଫ କ୍ୱାର୍ଟରଗୁଡିକର ଉନ୍ନତୀକରଣ କରିବାକୁ ସ୍ଥିର ହୋଇଛି । ଏହା କରାଗଲେ ଷ୍ଟାଫ ମଧ୍ୟ ଏଠାରେ ରହିପାରିବେ ବୋଲି କୁହାଯାଇଛି। ପାଣି, ଆଲୋକ, ଡ୍ରେନ ସମସ୍ୟା ଦୂର କରିବା ଉପରେ ଆଲୋଚନା ହୋଇଥିଲା। ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ପାଇଁ ଶୁଖିଲା ଖାଦ୍ୟର ଶୁଭାରମ୍ଭ ଛତ୍ରପୁର ବିଧାୟକ କରିଥିଲେ। ଡାକ୍ତର ଦିବସ ଅବସରରେ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ତରଫରୁ କାୟାକଳ୍ପ ଆୱାର୍ଡ ମିଳିଥିବାରୁ ସମସ୍ତ ଡାକ୍ତର ଓ ଷ୍ଟାଫଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୌମକାନ୍ତ ମହାପାତ୍ର, ଡାକ୍ତର ସ୍ୱାଧୀନ ରଥ, ଡାକ୍ତର ସନ୍ତୋଷିନୀ ସେଠୀଙ୍କ ସମତେ ସରପଞ୍ଚ, ସମିତିସଭ୍ୟ, ସମିତି ସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ, ବିପିଏବମ ସୀମାଞ୍ଚଳ ପ୍ରଧାନ ବୈଠକ ପରିଚାଳନା କରିଥିଲେ ।

ସେଲ୍ଫି କର୍ଣ୍ଣରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ରାଜା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ

ବୁଗୁଡ଼ା,୪।୭(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ମୋଟାବାଡି ଗ୍ରାମରେ ଏକ ଘର ପଛପଟ କୂଅ ଭିତରୁ ଜନୈକା ବୃଦ୍ଧାଙ୍କ ଗଳିତ ଶବ ମଙ୍ଗଳବାର ଦମକଳବାହିନୀ କର୍ମଚାରୀ ଓ ପୋଲିସ ଉଦ୍ଧାର କରିଥିବା ଜଣାଯାଇଛି। ମୃତା ବୃଦ୍ଧା ଜଣକ ହେଲେ ମୋଟାବାଡ଼ି ଗ୍ରାମର କୈଳାସ ପ୍ରଧାନଙ୍କ ମା' ମଲା ପ୍ରଧାନ(୭୦)। ପୋଲିସ ନଂ୧୫/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହଛନ୍ତି। ପ୍ରକାଶ ଯେ, ଦୀର୍ଘ ଦିନ ହେଲା ମଲା ପ୍ରଧାନ ପୁଅ କୈଳାସ ଠାରୁ ଅଲଗା ହୋଇ ରହିଆସୁଥିଲେ। ଗତ ସପ୍ତାହରୁ ମଲା ନିଖୋଜ ରହିଥିଲେ। ତେବେ ଗାଁର କେହି ଜଣେ ବ୍ୟକ୍ତି ମଲାଙ୍କ ମର ଶରୀରକୁ କୈଳାସଙ୍କ ନୂଆ ଘର ପଛପଟ କୂଅ ଭିତରେ ଭାସୁଥିବା ଦେଖିବାକୁ ପାଇଲେ। ଏହି ଖବର ପ୍ରଚାରିତ ହେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ମଲାଙ୍କ ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ମନ୍ଦିରରେ ପୂଜା କରିବାକୁ ନେଇ ବିବାଦ

ବ୍ରହ୍ମପୁର,୪।୭(ସୁବାସ ଚନ୍ଦ୍ର ପାଢ଼ୀ)- ବଡବଜାର ଥାନା ଅନ୍ତର୍ଗତ ଖାସ୍ୱାସାହି ନିକଟରେ ଥିବା ସାନ ଜଗନ୍ନାଥ ମନ୍ଦିରରେ ପୂଜା କରିବାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଏପରିକି ମନ୍ଦିର ଭିତରେ ପ୍ରବେଶକୁ ନେଇ ଜଣେ ପୂଜକଙ୍କୁ ଆକ୍ରମଣ ହୋଇଛି। ଏନେଇ ବଡ଼ ବଜାର ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ପୂଜା କରିବାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ଲାଗିରହିଛି। ସୋମବାର ଶଙ୍କର୍ଷଣ ଶୁକ୍ଳ ମନ୍ଦିରରେ ପୂଜା କରୁଥିଲେ। ଏହି ସମୟରେ ତାଙ୍କ ଭାଉଜ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିଥିଲେ। ହେଲେ ତାଙ୍କ ଭାଉଜ ଜଣେ ସମ୍ପର୍କୀୟଙ୍କ ସହାୟତାରେ ତାଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହା ସହ ଶଙ୍କରଙ୍କ ପରିବାରର କେହି ମନ୍ଦିର ଭିତରେ ପ୍ରବେଶ କଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକଚମକ ଦେଇଥିଲେ। ପୂଜକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ୨୩୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅଙ୍ଗନୱାଡି କର୍ମୀ ଓ ସମ୍ପର୍କୀୟଙ୍କୁ ଆକ୍ରମଣ ଘଟଣା, ଉଭୟ ପକ୍ଷରୁ ମାମଲା ରୁଜୁ

ପାରଳାଖେମୁଣ୍ଡି,୪।୭(ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ଥିବା ଗଜପତିନଗର ଅଙ୍ଗନୱାଡି କେନ୍ଦ୍ରରର କର୍ମୀ ସୁନୀତା ସାମଲ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ଘଟଣାରେ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଛି। ଗତ ୨୮ ତାରିଖରେ ଏହି ଘଟଣା ଗୁରାଣ୍ଡି ଗ୍ରାମରେ ଘଟିଥିବା ବେଳେ ବର୍ତ୍ତମାନ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।
ପ୍ରକାଶ ଯେ, ଗୁରାଣ୍ଡି ଗଜପତି ନଗର ଅଙ୍ଗନୱାଡି କର୍ମୀଙ୍କ ନାମରେ ବହୁ ଅଭିଯୋଗ ରହିଥିଲା। ଏପରିକି ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ ରହିଥିଲା। ଘଟଣା ଦିନ ପ୍ରଶାସନ ପକ୍ଷରୁ ଅଙ୍ଗନବାଡି କେନ୍ଦ୍ରରେ ଦୁଇ ଜଣ ସୁପରଭାଇଜର ତଦନ୍ତ କରୁଥିବା ସମୟରେ ଗଣ୍ଡଗୋଳ ଘଟିଥିଲା। ଅଙ୍ଗନ୍ୱାଡି କର୍ମୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ ୫୦/୨୩ରେ ମାମଲା ରୁଜୁ କରିଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ଚଞ୍ଚଳା ପାତ୍ର ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି । ଏନେଇ ୫୧/୨୩ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଚଞ୍ଚଳା ପାତ୍ର ଅଭିଯୋଗ କରିଛନ୍ତି ଯେ, ୨୮ ତାରିଖ ଅପରାହ୍ନରେ ନିଜ ନାତି ନାତୁଣୀମାନଙ୍କୁ ନେଇ ଏକାକି ଥିବା ସମୟରେ ଅଙ୍ଗନୱାଡି କର୍ମୀ ଜଣକ ଅଯଥାରେ ଅସଭ୍ୟ ଭଷାରେ ଗାଳିଗୁଲଜ କରିଥିଲେ। ଏହା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଘରଭିତରକୁ ଜୋରଜବରଦସ୍ତ ପଶି ଆସିଥିଲେ। ସେମାଙ୍କ କବଳରୁ ରକ୍ଷା ପାଇବା ପାଇଁ ବାହାରକୁ ଦୌଡି ଆସି ଡାକ ପକାଇବାରୁ ସାହିର ଉମା ମାଝୀ, ନମୀତା ପାତ୍ର ପ୍ରମୁଖ ଆସି ରକ୍ଷା କରି ଥିଲେ। ଇତି ମଧ୍ୟରେ ଅଙ୍ଗନୱାଡି କର୍ମୀ ଜଣକ ମାରଧର କରିଥିବାର ପ୍ରକାଶ କରିଛନ୍ତି । ଏହା ସହ ତୁମ ସହିତ ତୁମମାନଙ୍କର ସ୍ୱାମୀ ଓ ପିଲାମାନଙ୍କ ନାମରେ ମିଥ୍ୟା କେସ କରି ଫସାଇଦେବୁ ବୋଲି ଧମକ ଦେଇଥିବା ଜଣାଇଛନ୍ତି।

## ଲିଙ୍ଗାଗଡ଼ ବରାଳିନୀ ମନ୍ଦିର ପାଇଁ ମିଳିଲା ଅନୁଦାନ

ଜି.ଉଦୟଗିରି, ୪।୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ଲିଙ୍ଗାଗଡ଼ ପଞ୍ଚାୟତର ଲିଙ୍ଗାଗଡ଼ଠାରେ ମା' ବରାଳିନୀ ମନ୍ଦିରର ନିର୍ମାଣ ଓ ନବୀକରଣ ପାଇଁ ସରକାରଙ୍କ ତରଫରୁ ଅନୁଦାନ ମିଳିଛି। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜି.ଉଦୟଗିରି ଗସ୍ତ ସମୟରେ ଲିଙ୍ଗାଗଡ଼ ଗ୍ରାମବାସୀ ମନ୍ଦିର ନିର୍ମାଣ ପାଇଁ ଅନୁରୋଧ କରି ଦରଖାସ୍ତ ଦେଇଥିଲେ। ସାତ ଦିନ ମଧ୍ୟରେ ଖୁସି ଖବର ପାଇବେ ବୋଲି ସଚିବ କହିଥିଲେ। ମନ୍ଦିର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ଜାଣିବା ପରେ ଗ୍ରାମବାସୀ ଖୁସି ଅଛନ୍ତି। ଏହି ଠାକୁରାଣୀ ପୀଠରେ ବର୍ଷକୁ ଥରେ ଯାତ୍ରା ହେଉଛି। ଲିଙ୍ଗାଗଡ଼ ବରାଳିନୀ ଠାକୁରାଣୀଙ୍କୁ କଟିଙ୍ଗିଆ, ରାଇକଲା, ଲିଙ୍ଗୟଗଡ ଜନସାଧାରଣଙ୍କ ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜା କରନ୍ତି। ୫-ଟି ସଚିବ ୭ ଲକ୍ଷ ଟଙ୍କା ମଞ୍ଜୁରୀ କରିଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଓ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

## ଗଞ୍ଜେଇ ଜବତ ମାମଲା, ଚାଳକ ଜେଲ ଗଲେ

ଦିଗପହଣ୍ଡି,୪।୭(ଅଶେଷ ନାଥ ମିଶ୍ର)- ଗଞ୍ଜେଇ ଜବତ ମାମଲାରେ ଦିଗପହଣ୍ଡି ପୋଲିସ ମଙ୍ଗଳବାର ଗଜପତି ଜିଲା ମୋହନା ଗ୍ରାମର ଗାଡ଼ି ଚାଳକ ଚନ୍ଦନ ମଲ୍ଲିକଙ୍କୁ ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଦିଗପହଣ୍ଡି ପୋଲିସ ସୋମବାର ଏକ ଗଞ୍ଜେଇ ବୋଝେଇ କାର (ନଂ ଓଡ଼ି ୦୨ ୱାଇ ୩୦୯୯)କୁ ଜବତ କରିଥିଲା। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଚନ୍ଦନଙ୍କୁ ପୋଲିସ ଗିରଫ କରିଥିଲା। ଦିଗପହଣ୍ଡି ଅତିରିକ୍ତ ତହସିଲଦାର ସନାତନ ମହାଲିକଙ୍କ ଉପସ୍ଥିତିରେ ୮୮ କେଜି ଗଞ୍ଜେଇ ଜବତ ହୋଇଥିବା ଜଣାପଡିଥିଲା।

## ଶିଶୁ ନେବାକୁ ଏମ୍‌କେସିଜିରେ ଆନ୍ଧ୍ର ଦମ୍ପତି

### ନବଜାତକକୁ ନେଇ ବିବାଦ

ବ୍ରହ୍ମପୁର, ୪।୭(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏବେ ଜଣେ ନବଜାତକକୁ ନେଇ ବିବାଦ ଉଠିଛି । ନବଜାତ ଶିଶଟିକୁ ଏମ୍‌କେସିଜିରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିବା ବେଳେ ଆନ୍ଧ୍ରପ୍ରଦେଶ ଇଛାପୁରମ୍‌ର ଦମ୍ପତି ଶିଶୁଟିକୁ ନିଜର ବୋଲି ଦାବି କରୁଛନ୍ତି। ସେମାନେ ନବଜାତ ଶିଶୁଟିକୁ ରାସ୍ତାରୁ ଗୋଟାଇ ଆଣିଛନ୍ତି, ତେଣୁ ଶିଶୁଟି ତାଙ୍କର ବୋଲି ଦାବି କରି ସେମାନେ ଏମକେସିଜି ଏସ୍‌ଏନ୍‌ସିୟୁରେ ବସି ରହିଛନ୍ତି। ସେପଟେ ଏମ୍‌କେସିଜିରେ ଚାଇଲ୍ଡଲାଇନ ସଦସ୍ୟ ପହଞ୍ଚି ଶିଶୁ କନ୍ୟାର ଯତ୍ନ ନେଉଛନ୍ତି। ସୂଚନା ପ୍ରକାରେ, ଜୁନ ୨୭ରେ ଏମକେସିଜି ଏସଏନ୍‌ସିୟୁରେ ଏକ ନବଜାତ ଶିଶୁ କନ୍ୟାକୁ ଭର୍ତ୍ତି କରାଯାଇଥିଲା। ସମୟ ପୂର୍ବରୁ ଶିଶୁଟି ଜନ୍ମ ହୋଇଥିବା ବେଳେ ତାର କମ ଓଜନ ରହିଛି। ଶିଶୁ କନ୍ୟାର ଓଜନ ୧ କିଲୋ ୧୨୦ ଗ୍ରାମ ଥିବା ଡାକ୍ତର ପ୍ରକାଶ କରିଥିଲେ। ଏସ୍‌ଏନ୍‌ସିୟୁରେ ଶିଶୁଟି ଚିକିତ୍ସାଧୀନ ରହିଥିବା ବେଳେ ଇଛାପୁରମ ବେଲୁପଡାର ବି.ପୁରୁଷୋତ୍ତମ ଓ ବି.ଭେଙ୍କେଟଲକ୍ଷ୍ମୀ ପହଞ୍ଚି ପିଲାଙ୍କୁ ନେବାକୁ ଦାବି କରିଥିଲେ। ସେମାନଙ୍କୁ ମା'କ୍ଷୀର ଦେବାକୁ କହିଥିଲେ ଡାକ୍ତର। କିନ୍ତୁ ଭେଙ୍କେଟଲକ୍ଷ୍ମୀ ମା'କ୍ଷୀର ଦେଇପାରିନଥିଲେ। ଡାକ୍ତର ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଚାଇଲ୍ଡଲାଇନ ଟିମ ସେଠାରେ ପହଞ୍ଚିଥିଲେ। ଶିଶୁଟି ଇଛାପୁରରେ ପଡିଥିବା ବେଳେ ତାଙ୍କୁ ଉପରୋକ୍ତ ଦମ୍ପତ୍ତି ଆଣି ଏମକେସିଜିରେ ଭର୍ତ୍ତି କରିଥିବା ଜଣାପଡିଥିଲା। ବର୍ତ୍ତମାନ ଶିଶୁକୁ ଚାଇଲ୍ଡଲାଇନ ହେପାଜତକୁ ନେଇଥିବା ବେଳେ ସାଙ୍ଗରେ ଶିଶୁକୁ ନେବାକୁ ଆନ୍ଧ୍ରର ଦମ୍ପତି ଅପେକ୍ଷା କରିଛନ୍ତି।

## ଦିବ୍ୟାଙ୍ଗ କଳା ପରିଷଦର ଚାରାରୋପଣ

କବିସୂର୍ଯ୍ୟନଗର,୪।୭(କୃପାସିନ୍ଧୁ ସ୍ୱାଇଁ)- ଦିବ୍ୟାଙ୍ଗ କଳା ପରିଷଦ ସଭାପତି ତଥା କବିସୂର୍ଯ୍ୟନଗର ଲାୟନ୍ସ ସଭାପତି ଇ. ମାହେଶ୍ୱରୀ ଦୋରାଙ୍କ ପୌରହିତ୍ୟରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷୀରେ ଚାରାରୋପଣ କରିବା ସହ ବାଲିପଦର ଦିବ୍ୟାଙ୍ଗ କଳା ପରିଷଦ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଆସ ଆମେ ଗଛ ଲଗାଇବା' କାର୍ଯ୍ୟକ୍ରମରେ ବହୁ ଉପାଦେୟ ଚାରା ଲଗାଇବା ସହ ଏହାର ଉପକାରିତା ଓ ଯତ୍ନନେବା ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପାଦକ ବବ୍ରୁବାହନ ସ୍ୱାଇଁ, ମୁଖ୍ୟବକ୍ତା ପ୍ରଫେସର କୈଳାସ ନାଥ ସ୍ୱାଇଁ, ଅତିଥି ଡ଼. ଗୋବିନ୍ଦ ପ୍ରସାଦ ରଥ, ସାମାଜିକ କର୍ମୀ ଗୁରୁନାଥ ଗୌଡ଼, ଇ. ରାଜେଶ୍ୱରୀ ପାତ୍ର, ପ୍ରଭାତ କୁମାର ଜେନା ଉପସ୍ଥିତ ଥିଲେ। ପରିଷଦର ଚାରାରୋପଣ।

## କାଉଁରୀ କାମାକ୍ଷ ପୀଠରେ ବନ ମହୋତ୍ସବ

ଶେରଗଡ,୪।୭(ସୂର୍ଯ୍ୟନାରାୟଣ ଦାଶ) ନରେନ୍ଦ୍ରପୁରସ୍ଥିତ କାଉଁରୀ କାମାକ୍ଷ ପୀଠରେ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଅ ବୋଲି ଉପସ୍ଥିତ ଛାତ୍ରୀଛାତ୍ର, ଜନସାଧାରଣଙ୍କୁ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡିଏଫ୍‌ଓ ସୁଦର୍ଶନ ବେହେରା, ଏସିଏଫ୍ ପ୍ରଭାକର ନାୟକ, ରଜତ ମିଶ୍ର, ଆସିକା ରେଞ୍ଜର ପ୍ରମୋଦ ପଣ୍ଡା, ନରେନ୍ଦ୍ରପୁର ସରପଞ୍ଚ ଗୁରୁନାଥ ପଲେଇ, ଶେରଗଡ ଫରେଷ୍ଟର ସମେତ ବହୁ ବନ କର୍ମଚାରୀ ଯୋଗଦେଇ ବନ ମହୋତ୍ସବ ପାଳନ କରିଥିଲେ।

## ଅଟୋକୁ ଧକ୍କା ଦେଲା ବସ୍, ୩ ଆହତ



ଦୁର୍ଘଟଣାଗ୍ରସ୍ତ ଅଟୋ ଓ ବସ୍।

ପୁରୁଷୋତ୍ତମପୁର, ୪।୭ (ସୀମାଞ୍ଚଳ ମିଶ୍ର)/ ହିଞ୍ଜିଳିକାଟୁ(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁରୁ ଓଏସ୍‌ଆର୍‌ଟିସି ବସ (ନଂ ଓଡି ୧୩ ଓ ୧୮୨୨) ପୁରୀ ଯାଉଥିବା ବେଳେ ମଙ୍ଗଳବାର ଧୋବାଡ଼ି ପାଟପୁର ନିକଟରେ ଏକ ଅଟୋ (ନଂ ଓଡି ୦୭ ସି ୩୦୮୬)କୁ ଧକ୍କା ଦେଇଛି। ଫଳରେ ଅଟୋର ଡ୍ରାଇଭର ନାରାୟଣ ସାହୁଙ୍କ ସମେତ ଉଦୟନାଥ ସାହୁ ଏବଂ ଝିଅ ରଶ୍ମିତା ସାହୁ ଗୁରୁତର ଆହତ ହୋଇଛନ୍ତି। ପୁରୁଷୋତ୍ତମପୁର ଥାନା ଏସଆଇ ଆଦିତ୍ୟ ନାରାୟଣ ପାତ୍ର ଓ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛନ୍ତି।

## ଜୁଆ ଆଡ୍ଡାରେ ଚଢାଉ, ୭ ଗିରଫ

ଆସିକା,୩।୭(ସୁରେନ୍ଦ୍ର ନାଥ ସାହୁ): ଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢାକେନ୍ଦୁ ମନ୍ଦିର ସଂଲଗ୍ନ ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ରବିବାର ଚଢାଉ କରିଥିଲା । ସେଠାରୁ ୭ ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ୨୮ହଜାର ୩ଶହ ଟଙ୍କା, ଦୁଇଟି ବାଇକ୍ ଓ ୪ଟି ମୋବାଇଲ ଫୋନକୁ ମଧ୍ୟ ପୋଲିସ ଜବତ କରିଛି । ଅଭିଯୁକ୍ତଙ୍କ ବିରୋଧରେ ଗାଙ୍ଗପୁର ଥାନାରେ ୪୮୯/୨୩ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

## ଯୌନ ଶୋଷଣ ଅଭିଯୋଗ, ଯୁବକ ଅଟକ

ବ୍ରହ୍ମପୁର,୪।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜନୈକା ୭ବର୍ଷର ନାବାଳିକାଙ୍କୁ ଯୌନ ଶୋଷଣ ଅଭିଯୋଗରେ ଜନୈକ ବ୍ୟକ୍ତିଙ୍କୁ ନିମଖଣ୍ଡି ପୋଲିସ ଅଟକ ରଖିଛି। ଅଭିଯୁକ୍ତ ଜଣଙ୍କ ହେଲେ ଲବ ସ୍ୱାଇଁ। ନାବାଳିକାଙ୍କ ମା' ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ୨୧୧/୨୩ ରେ ଏକ ମାମଲା ରୁଜୁ କରିଛି। ଧାରା ୧୬୧, ୧୬୪ରେ ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗତ ମାସ ୨୮ ତାରିଖରେ ଗାଁ ରେ ଏକ ବାହାଘର ଭୋଜି ହୋଇଥିଲା। ସେଠାକୁ ଶିଶୁଟି ମଧ୍ୟ ଭୋଜି ଖାଇବାକୁ ଯାଇଥିଲା। ହେଲେ ଲବ କୌଶଳକ୍ରମେ ନାବାଳିକାଙ୍କୁ ମୋବାଇଲ ଦେଖାଇ ତାଙ୍କ ଘର ଛାତ ଉପରକୁ ନେଇଯାଇଥିଲା। ସେଠାରେ ସେ ନାବାଳିକାଙ୍କୁ ବଳାତ୍କାର କରିବା ସହ ତାଙ୍କ ସହ ଯୌନ ଶୋଷଣ କରିଥିଲେ। ନାବାଳିକାଙ୍କ ପରିବାର ଲୋକ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ।

## ଯୁବକଙ୍କୁ ଆକ୍ରମଣ ମାମଲା, ଜଣେ ଗିରଫ

ଗୋପାଳପୁର,୪।୭(ନବୀନ ରାଜ ଆଚାରୀ)-ଗୋଳନ୍ଥରା ଥାନା ଅଧୀନ ପିତାତଳି ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଉକ୍ତ ଗାଁର ଏସ. ବାଲକ୍ରିଷ୍ଣା ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଗତ ୨ ତାରିଖ ସକାଳ ସମୟରେ ପିତାତଳି ଗାଁର ଏସ. ଗୁରେୟା ଗାଁରେ ଯାଉଥିବା ସମୟରେ କେ. ନରସିଂହ ମୂର୍ତ୍ତି ଘର ନିକଟରେ ୫/୬ ଜଣ ଯୁବକ ତାଙ୍କୁ ଧମକ ଦେବା ସହ ଆକ୍ରମଣ କରିଥିବା ନେଇ ଗୁରେୟା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ ୩୦୦/୨୪ରେ ମାମଲା ରୁଜୁ କରିବା ସହ ମଙ୍ଗଳବାର ବାଲକ୍ରିଷ୍ଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

## ଜାତୀୟ ବନ ମହୋତ୍ସବ ସପ୍ତାହ ପାଳିତ

ବ୍ରହ୍ମପୁର,୪।୭ (ତନୁଶ୍ରୀ ନାହାକ)

ସରକାରୀ ବିନାୟକ ଆଚାର୍ଯ୍ୟ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟରେ ସବୁଜବାହିନୀ, ସ୍କାଉଟ ଓ ଗାଇଡ୍‌ସର ମିଳିତ ଆନୁକୂଲ୍ୟରେ ୭୪ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ପଦ୍ମିନୀ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଫରେଷ୍ଟର ବାବୁସେଠୀ, ନୀଳମାଧବ ଜେନା ଓ ଓଷ୍ଟା ସମ୍ପାଦକ ବିଜୟ କୁମାର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ଭାବେ ବନମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ସବୁଜ ପରିବେଶର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ।



ବନ ମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ ।

## ବେଆଇନ ପଥର ବ୍ଲାଷ୍ଟିଂ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

### ପ୍ରଶାସନ ଓ ପୋଲିସ କହିଲା କାର୍ଯ୍ୟାନୁଷ୍ଠାନ ହେବ

ଦାରିଙ୍ଗବାଡି,୪।୭ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ବାଲିଗୁଡା ଥାନା ବୁଢ଼ାଗୁଡା ହାଟ ପଦା ନିକଟରେ ବେଆଇନ ପଥର ବ୍ଲାଷ୍ଟିଂ ହେବାରୁ ଲକ୍ଷାଧିକ ଟଙ୍କାର ସରକାରୀ ଓ ବେସରକାରୀ ସଂସ୍ଥାର ଧନ ସମ୍ପତ୍ତି ନଷ୍ଟ ହୋଇଛି।
ସିମନବାଡିଠାରୁ ବୁଢ଼ାଗୁଡା ଦେଇ ବାଲିଗୁଡାକୁ ସଂଯୋଗୀକରଣ ରାସ୍ତା ସମ୍ପ୍ରସାରଣ ଚାଲିଛି। ପୂର୍ତ୍ତ ବିଭାଗର ଏହି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବେଳେ ଏକାଧିକ ସ୍ଥାନରେ ବିଶେଷକରି ଘାଟି ରାସ୍ତାରେ ବଡ଼ ବଡ଼ ପଥରଗୁଡିକୁ ହଟାଇବା ପାଇଁ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ପକ୍ଷରୁ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଉଛି। ସୋମବାର ବୁଢ଼ାଗୁଡାର ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଦୁଇଟି ସ୍ଥାନରେ ପଥର ବ୍ଲାଷ୍ଟିଂ କରାଯାଇଥିଲା। ଫଳରେ ବ୍ଲାଷ୍ଟିଂର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆତଙ୍କିତ ହୋଇଯାଇଛନ୍ତି ଏବଂ ପ୍ରାୟ ୫ ଶହ ମିଟର ପର୍ଯ୍ୟନ୍ତ ଏକାଧିକ ଲୋକଙ୍କ ଚାଷଜମି, କଦଳୀ



ଗଛ, ଖେଳ ପଡିଆରେ ଖଣ୍ଡ ବିଖଣ୍ଡିତ ପଥରଗୁଡିକ ବିଛାଡ଼ିହୋଇ ପଡ଼ିବା ସହ ପାଇପଲାଇନ ଫାଟି ଯାଇଛି। ସେହିପରି ଅଙ୍ଗନୱାଡିର ନବ ନିର୍ମିତ ପାଚେରି ନଷ୍ଟ ହେବା ସହ ପରିସରରେ ବଡ଼ ବଡ଼ ପଥର ଖଣ୍ଡ ବିଖଣ୍ଡିତ ହୋଇ ପଡିଛି। ସକାଳୁ ଭୟରେ କେତେଜଣ ଶିଶୁ ଅଙ୍ଗନୱାଡି ଆସି ନ ଥିବା ଜଣାପଡିଛି। ଏଭଳି ଶକ୍ତ ଶବ୍ଦ ଓ ଶକ୍ତ ଜିଲୋଟିନ ଦ୍ୱାରା ବ୍ଲାଷ୍ଟିଂକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ଅସନ୍ତୋଷ ଦେଖାଯାଇଛି। ଏହି ପଥର ବ୍ଲାଷ୍ଟିଂ କରିବାକୁ କିଏ ଅନୁମତି ପ୍ରଦାନ କରିଛନ୍ତି ସେ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ସେପଟେ ଘଟଣାକୁ ନେଇ ବାଲିଗୁଡ଼ା ଆଇଆଇସି ବାବା ଶଙ୍କର ସରଫ କହିଛନ୍ତି, ଯେଉଁମାନେ ଏହି ବ୍ଲାଷ୍ଟିଂ କରାଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର ମଧ୍ୟ ଏହାକୁ ନିନ୍ଦା କରିବା ସହ ସରକାରୀ ସମ୍ପତ୍ତି ନଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲିଗୁଡା ଥାନା ଅଧିକାରୀଙ୍କୁ ଫୋନରେ ଜଣାଇଛନ୍ତି । ଦାରିଙ୍ଗବାଡି ତହସିଲଦାର ଶରତ ଶବର ଏହାର ତଦନ୍ତ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇଛନ୍ତି। ସେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ବୁଢ଼ାଗୁଡା ଓ ତା'ର ଆଖପାଖ ଅଞ୍ଚଳରେ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ଘଟଣା ସମ୍ପର୍କରେ ଅଙ୍ଗନୱାଡି କର୍ମୀ ତାଙ୍କ ଅଧିକାରୀଙ୍କୁ ଫୋନରେ ଜଣାଇଛନ୍ତି। ସୂଚନାଯୋଗ୍ୟ, କନ୍ଧମାଳ ଏକ ମାଓବାଦୀ ଅଞ୍ଚଳ ଭାବେ ଜଣାଶୁଣା। ଏଠି ପଥର ବ୍ଲାଷ୍ଟିଂ ପାଇଁ ଜିଲା ପୋଲିସର ଅନୁମତି ଜରୁରୀ। ତେବେ ଏହି କ୍ଷେତ୍ରରେ ସେଭଳି ଅନୁମତି ମିଳି ନ ଥିବା କୁହାଯାଇଛି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଢ଼ାଗୁଡାବାସୀ ଦାବି କରିଛନ୍ତି।

